# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 August – 2026

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକରେ ଜନସାଧାରଣଙ୍କୁ ମିଳିବ ସହରୀ ସୁବିଧା; କହିଲେ ପଞ୍ଚାୟତିରାଜ ମନ୍ତ୍ରୀ
- ଗଞ୍ଜାମ ଜିଲ୍ଲା ଗସ୍ତରେ ରାଜ୍ୟ ବିଧାନସଭାର ଗୃହ କମିଟି  ସଦସ୍ୟ
- ମଶାବାହିତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମଶା ଦିବସ

ଏବଂ

- ବଙ୍ଗୋପସାଗରରେ ଆସନ୍ତା ଶନିବାର ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା

– ପ୍ରବଳ ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ସତର୍କ ସୂଚନା

Desk

# ସହରୀ ସୁବିଧା

ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ସହରୀ ସୁବିଧାକୁ ଉପଲବ୍ଧ କରାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଗ୍ରାମ ପଞ୍ଚାୟତକୁ ସୁଦୃଢ଼, ଆଧୁନିକ ଓ ସମସ୍ତ ସୁବିଧା ପହଁଞ୍ଚାଇବା ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ପଞ୍ଚାୟତରେ ଆଦର୍ଶ ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ ଆଦି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ପାଇଁ ସରକାର ଆଦର୍ଶ ଖେଳ ପଡ଼ିଆ ନିର୍ମାଣ କରିବେ। ଏ ନେଇ ୭୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେହିଭଳି ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

Desk

# ଗୃହ କମିଟି

ରାଜ୍ୟ ବିଧାନସଭାର ଗୃହ କମିଟି (ଉପସ୍ଥାପନ) ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇଛନ୍ତି । କମିଟିର ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହିତ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି । କମିଟି

ସଦସ୍ୟମାନେ ରଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକ୍‌ଡ୍ୟାମ୍, ବିଭିନ୍ନ ଜଳସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି ।

HS

## ଜଳ ସମ୍ପଦ ବିଭାଗ ସମୀକ୍ଷା ବୈଠକ

ଭୁବନେଶ୍ୱରସ୍ଥିତ ଜଳସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ସୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଜଳ ସମ୍ପଦ ବିକାଶର କାର୍ଯ୍ୟାନ୍ୱୟନ ଓ ବ୍ୟୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଜଳ ସମ୍ପଦ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟ ସମେତ ପ୍ରମୁଖ ଜଳସେଚନ, ନିଷ୍କାସନ ଡ୍ୟାମ, ବ୍ୟାରେଜ ଓ କେନାଲ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀମତୀ ଶର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପିଏମ୍ ଗତିଶକ୍ତି ପୋର୍ଟାଲ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ପ୍ଲାଟଫର୍ମର ପ୍ରଭାବଶାଳୀ ବ୍ୟବହାର, ଜଳକର ଆଦାୟ ବୃଦ୍ଧି, ବିଭାଗୀୟ କାର୍ଯ୍ୟର ନିରୀକ୍ଷଣ ଓ ପରିଚାଳନାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା।

Desk

## ବିଶ୍ୱ ମଶା ଦିବସ

ମଶାବାହିତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଓ ମଶା ବଂଶ ବୃଦ୍ଧିକୁ ରୋକିବା ପାଇଁ ଆଜି ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ପରିବର୍ତ୍ତିତ ପରିବେଶ, ଜଳବାୟୁ ପରିବର୍ତ୍ତନ, ଅନିୟମିତ ଜଳନିଷ୍କାସନ ଓ ଅପରିଷ୍କାର ପରିବେଶ' ମଶାବଂଶ ବୃଦ୍ଧିକୁ ଅନୁକୂଳ କରିଥାଏ। ୧୮୯୭ ମସିହା ଆଜିର ଦିନରେ ଭାରତରେ କାର୍ଯ୍ୟରତ ବ୍ରିଟିଶ ଡାକ୍ତର ସାର ରୋନାଲ୍ଡ ରସ୍ ପ୍ରଥମଥର ପାଇଁ ମାଇଏନୋଫିଲିସ ମଶାକୁ ଚିହ୍ନଟ କରିଥିଲେ। ଏହି ମଶା ଦ୍ୱାରା ମ୍ୟାଲେରିଆ ରୋଗ ବ୍ୟାପିଥାଏ ବୋଲି ସେ ପ୍ରମାଣ କରିଥିଲେ। ୧୯୦୨ ମସିହାରେ ଡାକ୍ତର ରସ୍‌ଙ୍କୁ ଶରୀର ବିଜ୍ଞାନ ଅର୍ଥାତ୍ ଚିକିତ୍ସା କ୍ଷେତ୍ରରେ ଏହି ଗବେଷଣା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଗବେଷଣାକୁ ସ୍ମରଣ କରି ପ୍ରତିବର୍ଷ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ବିଭିନ୍ନ ମଶାବାହିତ ରୋଗରେ ପ୍ରତିବର୍ଷ ବହୁ ଲୋକ ଆକ୍ରାନ୍ତ ହେବା ସହ ପ୍ରାଣ ମଧ୍ୟ ହରାଇଛନ୍ତି। ମଶା ଯୋଗୁଁ ମ୍ୟାଲେରିଆ, ଡେଙ୍ଗୁ, ଚିକନଗୁନିଆ, ଜାପାନିଜ୍ ଏନ୍‌ସେଫାଲାଟିସ୍, ଜିକା ଭାଇରସ ଏବଂ ଫାଇଲେରିଆ ପରି ମାରାତ୍ମକ ରୋଗ ବ୍ୟାପିଥାଏ। ପ୍ରତିବର୍ଷ ୨୦୦ ନିୟୁତରୁ ଅଧିକ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୪ ମ୍ୟାଲେରିଆ ରିପୋର୍ଟ ଅନୁଯାୟୀ ୨୦୨୩ ମସିହାରେ ସମଗ୍ର ବିଶ୍ୱରେ ପ୍ରାୟ ୨୪୯ ନିୟୁତ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ଏଥିରେ

୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା । ମ୍ୟାଲରିଆ ଜନିତ ମୃତ୍ୟୁର ୮୦ ପ୍ରତିଶତ ହେଉଛନ୍ତି ୫ ବର୍ଷରୁ କମ୍ ବୟସ୍କ ଶିଶୁ । ଦେଶରେ ମ୍ୟାଲେରିଆର ପ୍ରାର୍ଦୂର୍ଭାବକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୭ ମସିହା ସୁଦ୍ଧା ଦେଶରେ ମ୍ୟାଲେରିଆକୁ ଶୂନ୍ୟସ୍ତରକୁ ଆଣିବା ସହ ୨୦୩୦ ମସିହା ସୁଦ୍ଧା ଏହାର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖାଯାଇଛି । ମଶାବାହିତ ରୋଗ ସମ୍ପର୍କରେ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ଆକାଶବାଣୀକୁ କହିଛନ୍ତି...

**- V/O –**

Desk

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ଶନିବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏହାର ପ୍ରଭାବରେ ପଶ୍ଚିମ, ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତାକାଲି ୧୪ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି । ରାଜ୍ୟରେ

ଆଗାମୀ ୫ ଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ । ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ସମ୍ବଲପୁର, କନ୍ଧମାଳ ଏବଂ ଝାରସୁଗୁଡ଼ା ଜିଲ୍ଲାର କେତେକ ଅଞ୍ଚଳରେ ମଧ୍ୟମ ଧରଣ ବର୍ଷା ହୋଇଛି ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ସୁନ୍ଦରଗଡ଼ ଜିଲ୍ଲାର ବଣାଇଠାରେ ସର୍ବାଧିକ ୬୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ହ୍ରାସ ପାଉଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି । ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି । ୬ଟି ଜିଲ୍ଲାର ୩୪ଟି ବ୍ଲକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି ବୋଲି ଶ୍ରୀ ପାଟିଲ କହିଛନ୍ତି ।

**- V/O -**

ଚଳିତ ବର୍ଷ ଉତ୍ତର ଓଡ଼ିଶା ଉପରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ନିମ୍ନ ଚାପ ରେଖା ସକ୍ରିୟ ରହିଛି । ମୌସୁମୀ ନିମ୍ନ ଚାପରେଖା ଅନ୍ୟତ୍ର ଯାଉ ନ ଥିବାରୁ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଛି । ସେଥିପାଇଁ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେଉଥିବା ବେଳେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିଛି । ରାଜ୍ୟରେ ହାରାହାରି ମୌସୁମୀ ବର୍ଷାର ପରିମାଣ ୧୧ ପ୍ରତିଶ୍ରତ ବୃଦ୍ଧି ପାଇଛି ।  ଚଳିତ ବର୍ଷ ରାଜ୍ୟରେ ୧ ହଜାର ମିଲିମିଟରରୁ ଅଧିକ

ମୌସୁମୀ ବର୍ଷା ହୋଇଯାଇଛି। ଜୁନ୍ ୧ ତାରିଖରୁ ଅଗଷ୍ଟ ୧୯ ତାରିଖ ମଧ୍ୟରେ ୧ ହଜାର ୬ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସ୍ୱାଭାବିକ ବର୍ଷାଠାରୁ ୨୨୦ ମିଲିମିଟର ଅଧିକ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ଦଶନ୍ଧିଗୁଡ଼ିକରେ ଏହା ପ୍ରାୟ ୧୩ ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଓଡ଼ିଶାର ସାମଗ୍ରୀକ ମୌସୁମୀ ବର୍ଷାର ପରିବର୍ତ୍ତନ ଆସିବା ସହ କେତେକ ଜିଲ୍ଲାରେ ଅନିୟମିତ ମୌସୁମୀ ବର୍ଷା ଏବଂ ଅନ୍ୟ କେତେକ ଜିଲ୍ଲାରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

Bhadrak

## ବନ୍ୟା– ସ୍ଥାନାନ୍ତର

ଭଦ୍ରକ ଜିଲ୍ଲାର ୫ଟି ବନ୍ୟା ପ୍ରଭାବିତ ବ୍ଲକରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ କହିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଉପାଧ୍ୟାୟ କହିଛନ୍ତି, ଜିଲ୍ଲାର ୪୬ଟି ଗ୍ରାମ ପଞ୍ଚାୟତର ୨୧୨ଟି ଗ୍ରାମ ଓ ୪ଟି ୱାର୍ଡ ପ୍ରଭାବିତ ହୋଇଛି। ପ୍ରାୟ ୨ ଲକ୍ଷ ୭୯ ହଜାର ୭୦୪ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୧ ଲକ୍ଷ ୫ ହଜାର ୩୮୨ ଜଣଙ୍କୁ ସୁରକ୍ଷିତ ସ୍ଥାନକ ସ୍ଥାନାନ୍ତର କରାଯାଇଥିଲା। ୧୨୨ଟି ମାଗଣା ରନ୍ଧାଘର କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି।

୪ଟି ମୋବାଇଲ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ୧୯ଟି ପାଣି ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଦିଆଯାଉଛି। ସ୍ୱାସ୍ଥ୍ୟସେବା ପାଇଁ ୪୦ଟି ମେଡିକାଲ ଟିମ୍ ଏବଂ ୬ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୮୨୫ଟି ନଳକୂପକୁ ବିଶୋଧନ କରାଯାଇଛି। ୪ଟି ଓଡ୍ରାଫ ଟିମ୍‌କୁ ନିୟୋଜିତ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

Kendrapada

## ବନ୍ୟା– ପରିସ୍ଥିତି

କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ଜଳସ୍ତର ସାମାନ୍ୟ ହ୍ରାସ ପାଇଛି। ପଟ୍ଟାମୁଣ୍ଡାଇ, ଆଳି ଓ ରାଜକନିକା ବ୍ଲକରେ ଏବେ ମଧ୍ୟ ବନ୍ୟା ପରିସ୍ଥିତି ଜାରି ରହିଛି। ରାଜକନିକା ବ୍ଲକ ଅନ୍ତର୍ଗତ କନ୍ନୁପୁରଠାରେ ବୈତରଣୀ ନଦୀ ବନ୍ଧରେ ୧୫ ମିଟର ଘାଇ ସୃଷ୍ଟି ହୋଇଛି। ଫଳରେ ବହୁ ଚାଷଜମି ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ ଓ ଚିକିତ୍ସା ସେବା ନିରନ୍ତର ଭାବେ ଜାରି ରହିଛି। ଉଦ୍ଧାର ଓ ସ୍ଥାନାନ୍ତରଣ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୭ଟି ପାୱାରବୋଟ୍, ୧୨୧ଟି ଦେଶୀ ଡଙ୍ଗା ଓ ୧୨ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

HS

## କାରଣଦର୍ଶାଅ ନୋଟିସ

ବୈତରଣୀ ନଦୀର ତଳମୁଣ୍ଡରେ ଅନିୟନ୍ତ୍ରିତ ବନ୍ୟା ପରିସ୍ଥିତି ସୃଷ୍ଟି ନେଇ ଅଭିଯୋଗ ହେବାପରେ ବୈତରଣୀ ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ବି.ପି.ପି.ଏଲ୍‌କୁ ଜଳସମ୍ପଦ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତର ମିଳିବା ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି।

Desk

## ସଦ୍‌ଭାବନା ଦିବସ

ବିବିଧତାରେ ଏକତା ଭାରତର ପରିଚୟ। ବହୁ ଭାଷା, ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନେଇ ଦେଶ ଗଢ଼ି ଉଠିଛି। ଏହି ବିବିଧତା ମଧ୍ୟରେ ଭାଇଚାରା, ପରସ୍ପର ସମ୍ମାନ ଏବଂ ଏକତାର ଭାବନାକୁ ଅଧିକ ସୁଦୃଢ଼ କରିବାର ବାର୍ତ୍ତା ନେଇ ପ୍ରତିବର୍ଷ ଆଜିର ଦିନରେ ଜାତୀୟ ସଦଭାବନା ଦିବସ ପାଳନ କରାଯାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ ମସିହାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସାମାଜିକ ସଦ୍‌ଭାବନା ପ୍ରତି ଜନସାଧାରଣଙ୍କ ପ୍ରତିବଦ୍ଧତାକୁ ଏହି ଦିବସ ଆହୁରି ଦୃଢ଼ୀଭୂତ କରିଥାଏ। ସଦ୍‌ଭାବନା ଦୈନନ୍ଦୀନ ଆଚରଣର ଏ ଅଂଶ ହେବା ଆବଶ୍ୟକ। ଘରଠାରୁ ସମାଜ, ବିଦ୍ୟାଳୟରୁ କାର୍ଯ୍ୟକ୍ଷେତ୍ର ପ୍ରତ୍ୟେକ

ସ୍ଥାନରେ ସମାନତା ଓ ସମ୍ମାନର ପରିବେଶ ଗଢ଼ିତୋଳିବା ସମସ୍ତଙ୍କ ଦାୟିତ୍ୱ। ଆସନ୍ତୁ ଆଜିର ଦିନରେ ଭିନ୍ନତାକୁ ସମ୍ମାନ କରି ସଦଭାବନାର ସେତୁକୁ ଆହୁରି ମଜଭୁତ କରିବା।